# "ମୁଁ ବି ଜଣେ ମହିଳା" !

ମୁଁ ପ୍ରିୟା ମହାରଣା (ଛଦ୍ମନାମ), ବୟସ ୨୭ ବର୍ଷ । ଘର ପୁରୀ ଜିଲ୍ଲାରେ । ପରିବାର କହିଲେ, ବୃଦ୍ଧ ବାପା, ମା, ଭାଇ ଏବଂ ମୁଁ । ଗାଁରେ ସବୁଠାରୁ ଗରୀବ କହିଲେ ଆମକୁ ବୁଝାଏ । ବାପା କାଠ କାମ କରିବା ସହିତ ଲେବର କାମ ମଧ୍ୟ କରନ୍ତି । ବହୁ କଷ୍ଟରେ ମୋତେ ଓ ଭାଇକୁ ପାଠ ପଢାଇଥିଲେ । ମୋର ବିବାହ ପରେ ମୁଁ ଶାଶୁଘର ଚାଲିଗଲି । ଘରେ ମୋର ବିବାହ ଖର୍ଚ୍ଚର ବୋଝ ଉଠାଇବା ପାଇଁ ଭାଇ ଭୁବନେଶ୍ୱର ଆସି ୪ ନମ୍ବରରେ ଥିବା ଏକ ଆକ୍ୱାଆ ଗାର୍ଡ୍ କମ୍ପାନୀରେ ଚାକିରୀ କଲା । ପୁରୀର ଗୁଣ୍ଡିଚା ମନ୍ଦିର ପାଖରେ ଥିବା ଜଣେ ଯୁବତୀଙ୍କ ସହିତ ତା'ର ପ୍ରେମ ସମ୍ପର୍କ ଥିଲା । ଆମେ ଖବର ପାଇଲୁ ଯେ, ଉକ୍ତ ଯୁବତୀଙ୍କୁ ସେ ବିବାହ କରିଛି । ଇତି ମଧ୍ୟରେ ଉକ୍ତ ଯୁବତୀଙ୍କୁ ପାଠପଢାଇବା ଓ ଚାକିରୀ କରାଇବା ପାଇଁ ସେ ବହୁ ଅର୍ଥ ଖର୍ଚ୍ଚ କରୁଥିଲା ବୋଲି ତା'ର ଜଣେ ଘନିଷ୍ଠ ବନ୍ଧୁ ମତେ ଜଣାଇଛନ୍ତି । ଏପରିକି ଦୀର୍ଘ ଦୁଇବର୍ଷ ଧରି ଦିନରାତି ଏକ କରି ପରିଶ୍ରମ କରୁଥିଲେ ମଧ୍ୟ କମ୍ପାନୀ ପଇସା ଦେଉନାହିଁ ବୋଲି କହି ଘରୁ ପଇସା ଆଣି ଖର୍ଚ୍ଚ କରେ । ଗତ ତା-୦୫-୦୫-୨୦୧୬ରିଖ ଦିନ ସକାଳ ୭ଟା ୩୦ମି. ସମୟରେ ଆମର ଗ୍ରାମରକ୍ଷୀ ଆମକୁ ଖବର ଦେଲେ ଯେ, ମୋର ଭାଇ ଭୁବନେଶ୍ୱରର ଖାରବେଳ ନଗରରେ କାମ କରୁଥିବା ଅଫିସ୍ ପାଖରେ ଗଛରେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଛି ବୋଲି । ତୁରନ୍ତ ଭୁବନେଶ୍ୱର ଆସିଲୁ, ଭୁବନେଶ୍ୱରରେ ୬ ନମ୍ବର ଡାକ୍ତରଖାନାରେ ଭାଇର ମୃତ ଦେହକୁ ପଞ୍ଚନାମା କରାଗଲା । ଅନେକ ଗଣମାଧ୍ୟମର ପ୍ରତିନିଧି ସେଠାକୁ ଆସିଥିଲେ । ମାତ୍ର ଭାଇମୋର ପୁଅ ପିଲାଟିଏ ହୋଇଥିବାରୁ ଗଣମାଧ୍ୟମର ପ୍ରତିନିଧିମାନଙ୍କର ଭାଇର ଖବର ନେବାପାଇଁ ଆଗ୍ରହ ନଥିଲା । ସାନଭାଇ ପାଖରେ ଥିବା ମୋବାଇଲ୍ ଓ ଏକ ହାତ ଘଣ୍ଟାକୁ ପୋଲିସ୍ ଜବତ୍ କରିଥିଲା । ସେ ଯାହା ବି ହେଉ ପୋଲିସ୍ ଆମକୁ କହିଲେ ଘଟଣା ପଛରେ ଜଣେ ମହିଳାଙ୍କର ପ୍ରତ୍ୟେକ୍ଷ ହାତ ରହିଛି । ଆମେ ନିଶ୍ଚିତ ଉକ୍ତ ମହିଳାକୁ ଗିରଫ୍ କରିବୁ । ଆଶ୍ୱାସନା ମିଳିବା ପରେ ଭାଇର ଶବକୁ ନେଇ ଗାଁ କୁ ଯାଇଥିଲୁ । ଏହାର ୧୫ଦିନ ପରେ ଭାଇର ଜଣେ ଅନ୍ତରଙ୍ଗ ବନ୍ଧୁ ଆମକୁ କହିଲେ ଯେ, ଭାଇ ପ୍ରେମ ବିବାହ କରିଥିବା ମହିଳାଙ୍କର ବାଲେଶ୍ୱରରେ ଶିକ୍ଷା ସହାୟକ ଭାବରେ ନିଯୁକ୍ତି ହୋଇସାରିଛି ଏବଂ ମୋର ସାନ ଭାଇ ଯେହେତୁ ଜଣେ ସେଲ୍ସ୍ ମ୍ୟାନ୍ ତାଙ୍କୁ ସେ ବିବାହ କରିବା ପାଇଁ ଅରାଜି ଅଟନ୍ତି । ଘଟଣା ଦିନ ମଧ୍ୟ ଅର୍ଥାତ୍ ତା-୦୪-୦୫-୨୦୧୬ରିଖ ଦିନ ରାତି ୧୨ଟା ସମୟରେ ଭାଇ ବାପାଙ୍କ ସହିତ ଭଲରେ କଥା ହୋଇଥିଲା । ମାତ୍ର ଏହାପରେ ସେ ଯାଇ ତା'ର ଏ.ଟି.ଏମ୍. ରୁ ୫୦୦ଟଙ୍କା ଉଠାଇଛି ଏବଂ ହ୍ୱାଟ୍ସ୍ ଆପ୍‌ରେ ଚାର୍ଟିଙ୍ଗ୍ କରି ଚାପ ସହ୍ୟ ନକରିପାରି ଶେଷରେ ଆତ୍ମହତ୍ୟା କରିଛି । ଇତି ମଧ୍ୟରେ ଭାଇର ମୃତ୍ୟୁର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ମୃତ୍ୟୁର ରହସ୍ୟ ଲୁଚି ଯାଉଛି । ଥାନାକୁ ବାରମ୍ବାର ଦୌଡ଼ିଲେ ମଧ୍ୟ ପୁଲିସ୍ ବାବୁମାନେ କହୁଛନ୍ତି ପୁରୁଷ ପିଲା ଆତ୍ମହତ୍ୟା କରିବା ଏକ ସାଧାରଣ ଘଟଣା ଏବଂ ପୁଲିସ୍ ମଧ୍ୟ ସ୍ପଷ୍ଟ ଭାବେ କହୁଛି ଯେ, ଉକ୍ତ ଯୁବତୀଙ୍କ ପାଇଁ ତୁମ ସାନଭାଇ ଆତ୍ମହତ୍ୟା କରିଛି । କିନ୍ତୁ ଯୁବତୀଙ୍କୁ ଗୀରଫ୍ କରାଯାଇପାରିବ ନାହିଁ । ଇତି ମଧ୍ୟରେ ମୁଁ ଅନେକ ପୁଲିସ୍ ବାବୁ, ବୁଦ୍ଧିଜୀବୀ ଓ ବରୀଷ୍ଠ ସାମ୍ବାଦୀକ ମାନଙ୍କୁ ଭେଟି ସାରିଥିଲେ ମଧ୍ୟ ଭାଇ ମୋର ପୁଅ ପିଲାଟିଏ ହୋଇଥିବାରୁ କେହି କିଛି ସହଯୋଗର ହାତ ବଢ଼ାଇବା ପାଇଁ ନାରାଜ୍ । ମୁଁ ଜଣେ ମହିଳା ହୋଇଥିଲେ ମଧ୍ୟ ମହିଳାଙ୍କ ପାଇଁ କାର୍ଯ୍ୟକରୁଥିବା କିଛି ମହିଳା ସଂଗଠନମାନେ କହୁଛନ୍ତି ପୁରୁଷଙ୍କ ପାଇଁ ହୋହାଲା କଲେ କଥାଟା ଠିକ୍ ହେବନାହିଁ । ଏଠାରେ ମୋର ସମାଜର ବୁଦ୍ଧିଜୀବୀ, ରାଜନେତା, ସାମ୍ବାଦୀକ, ଆଇନ୍‌ଜୀବୀ, ପୋଲିସ୍ ଅଫିସର ପରିଶେଷରେ ସାଧାରଣ ଜନତାଙ୍କୁ ମୋର ଏକମାତ୍ର ପ୍ରଶ୍ନ ଯେ, ମୋ ଭାଇ ବିଷ୍ଣୁଚରଣ ମହାରଣା ବୟସ ମାତ୍ର ୨୫ ଯଦି ଆପଣଙ୍କର ଭାଇ କିମ୍ବା ପୁଅ ହୋଇଥାନ୍ତା, ତାହାହେଲେ ତାକୁ ହରାଇ କ'ଣ ଆପଣମାନେ ଚୁପ୍ ବସିରହିଥାନ୍ତେ ? ଭାଇର ଆତ୍ମହତ୍ୟା ପାଇଁ ଦାୟୀ ବ୍ୟକ୍ତି ଦଣ୍ଡ ପାଇବା ଦରକାର କି ନାହିଁ.......



ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।